# ସୈନିକର ଆତ୍ମଲିପି

• ନରେନ୍ଦ୍ର କୁମାର ସିଂହ

ପଛକୁ ଚାହିଁଲେ ଶୈଶବ ଓ କୈଶୋରର ନିଷ୍ପାପ ଜୀବନ । ଅତୀତକୁ ଫେରିବାକୁ ହୁଏ । କେତେ ଉତ୍‌ଥାନ-ପତନ, ପ୍ରଶଂସା-ସମାଲୋଚନା, କଳାର ସର୍ଜନାରେ ଚାଲି ଚାଲି କେତେ ରକ୍ତାକ୍ତ ଆହତ ବି । ସୈନିକ ମୁଁ ଦେଖିଛି କେତେ ଯୁଦ୍ଧ, କେତେ ଦ୍ୱନ୍ଦ-ଧ୍ୱଂସର ବିଭୀଷିକା ।

ନିଷ୍ପ୍ରଭ ଅତୀତ – ସୁରଭିତ ବର୍ତ୍ତମାନ – ତଥାପି କିଏ ବେଶୀ ଆପଣାର । ଅତୀତ ଓ ବର୍ତ୍ତମାନକୁ ଗୋଟିଏ ରଜ୍ଜୁରେ ବାନ୍ଧୁ ବାନ୍ଧୁ ଖସିଯାଏ ଅତୀତକୁ, ମନେ ପଡ଼େ କାର୍ତ୍ତିକ ପୂର୍ଣ୍ଣିମାର କଥା । କଟକ ବାରବାଟୀ ଦୂର୍ଗ ପ୍ରାଙ୍ଗଣରେ ଅବସ୍ଥିତି ବିରାଟ ପ୍ରେକ୍ଷା ଯାହା ବର୍ତ୍ତମାନ ସପ୍ତଧାରା । ବାବା – ମା ଓ ପରିବାର ସଦସ୍ୟମାନଙ୍କ ସହିତ ଏକ ଦରି ପାରିଦେଇ ଖାଇ ଏପଟେ ବସି ପଡୁ । ଖାଇ ସେପଟରେ ଆରମ୍ଭ ହୁଏ ସଂସ୍କୃତି ବିହାରର କଳାକାରମାନଙ୍କ ଦ୍ୱାରା ଅଭିନୀତ ହେଉଥିବା ବୈଷ୍ଣବ ପାଣି ବିରଚିତ ଗୀତିନାଟ୍ୟ – ଯୁଦ୍ଧ ବାଦ୍ୟରେ କମ୍ପିଉଠେ ବିରାଟ ପ୍ରେକ୍ଷା । ଏକ ପଟରେ କୌରବ ସେନ. ଅଶ୍ୱ, ରଥ, ଗଜ.... ଅନ୍ୟପଟରେ ପାଣ୍ଡବଙ୍କର ସେନା – ଆରମ୍ଭ ହୁଏ ଭୟଙ୍କର ଯୁଦ୍ଧ – ବାଣ ରୋଷଣୀ, ସୈନିକମାନଙ୍କର ଖଣ୍ଡା ଚାଳନା ଏହି ସବୁ ଦୃଶ୍ୟ ମନରେ ସୃଷ୍ଟିକରେ ଶିହରଣ । ବାଲ୍ୟଚପଳତାରେ ମନ କହେ ସୈନିକଟିଏ ହୋଇ ଯାଆନ୍ତି କି ? ଭାବୁ ଭାବୁ ମା କୋଳରେ କେତେବେଳେ ଶୋଇ ପଡ଼େ ଜାଣି ପାରେନି, ନିଦ ଭାଙ୍ଗେତ ଦେଖେ ବିରାଟ ପ୍ରେକ୍ଷାରେ ମଶାଲ, ନିଆଁର ହୁଳା, ନାଟକର ଅନ୍ତିମ ପର୍ବ ଶେଷ ହୁଏ । ବାବା – ମାଙ୍କ ସହିତ ଫେରି ଆସେ ଘରକୁ ।

ସମୟ ଆସେ ଜୀବନରେ, ଅତୀତକୁ ଚାହିଁ ପୁଣି ଆଗକୁ ଯିବାକୁ ପଡ଼େ । ଅଷ୍ଟମ ଶ୍ରେଣୀରେ ପଢୁଥାଏ । ବଡ଼ ଭାଇ ଶ୍ରୀଯୁକ୍ତ ନାରାୟଣ ସିଂହ ସାହିର ପିଲାମାନଙ୍କୁ ଯୋଗାଡ଼ କରୁଥାନ୍ତି, ଗଡ଼ଖାଇ ଦୂର୍ଗରେ 'ସଂସ୍କୃତି ବିହାର'ର କଳାକାରମାନଙ୍କ ଦ୍ୱାରା ଅଭିନୀତ ହେଉଥିବା ଗୀତିନାଟ୍ୟରେ ସୈନିକର ଭୂମିକାରେ ଅଭିନୟ କରିବା ପାଇଁ । କୈଶୋରର ଚଞ୍ଚଳତାରେ ସାହି ପିଲାମନଙ୍କ ଅନେକ ସ୍ୱପ୍ନ ସୈନିକର ଭୂମିକା ମିଳି ଯାଆନ୍ତା କି ? ସ୍ୱପ୍ନ ବାସ୍ତବରେ ପରିଣତ ହୁଏ, ସଂସ୍କୃତି ବିହାର ର ପ୍ରଥମ ପାହାଚରେ ସୈନିକ ହିସାବରେ ପ୍ରଥମ ପାଦ ଥାପି ଥାଏ ।

ଗୁରୁ ୰ ଧୀରେନ ଦାଶଙ୍କ କଥା ମନେ ପଡ଼େ – ନିର୍ଦ୍ଦେଶ ଦେଉଥାନ୍ତି ସୈନ୍ୟମାନେ କେଉଁଠି ଠିଆ ହେବେ, କେଉଁଠି ଯୁଦ୍ଧ କରିବେ, ନିଆଁ ହୁଳା ଧରି କେଉଁଠାରେ ଅଭିନୟ କରିବେ । ଏମିତିକି ସବୁ କାମରେ ତାଙ୍କର ସୈନିକମାନଙ୍କର ଆବଶ୍ୟକ ପଡୁଥାଏ । ବେଳେ ବେଳେ ମୋର ବଡ଼ ଭାଇ ଶ୍ରୀ ନାରାୟଣ ସିଂହଙ୍କୁ କୁହନ୍ତି "Where are my Soldiers, Narayan ?"

ରଣ ବାଦ୍ୟ – ଭେରୀ ତୁରୀ ବାଜି ଉଠେ । ଗୀତିନାଟ୍ୟ ଆରମ୍ଭ ହୁଏ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଦୁର୍ଯ୍ୟୋଧନ, ଅର୍ଜ୍ଜୁନ, ଭୀମ, ଦୁଃଶାସନ, ଶ୍ରୀକୃଷ୍ଣଙ୍କର ଚରିତ୍ରରେ ଅଭିନୟ କରୁଥିବା କଳାକାରମାନଙ୍କର ଅଭିନୟରେ ମୁଗ୍ଧ ହୋଇ ଦର୍ଶକମାନେ କରତାଳି ଦେଇ ଉତ୍ସାହିତ କରନ୍ତି – ପ୍ରଶଂସାର ଫୁଲ ଅଜାଡ଼ି ପଡ଼େ ସେମାନଙ୍କ ଉପରେ – ଆଉ ବିଚରା ସୈନିକଟି ତାର କର୍ତ୍ତବ୍ୟ କରିଚାଲେ । କିଏ ବା ମନେ ରଖେ ତାକୁ – ଇତିହାସରେ ନାଁ ଖୋଜିଲେବି ମିଳେନି । ଦୁଃଖ ନଥିଲା ସେଥିରେ ସୈନିକର ଆନନ୍ଦ ତ ରଣାଙ୍ଗନରେ । ଜୀବନ ଅଛି ଯେତେବେଳେ କାହା ଭିତରେ ଦୁଃଖ ଟିଏ ନାହିଁ ଯେ । ତଥାପି ସଂସ୍କୃତି ବିହାରର ସୈନିକ ହୋଇ ରହିଛି ରହିଥିବି ବଞ୍ଚିବା ଯାଏ । ସେଇଥିରେ ମୋର ଆନନ୍ଦ ।

ସବୁକୁ ପଛରେ ପକାଇ ଯୌବନରେ ପଦାର୍ପଣ କରେ, ନିଷ୍ଠା ଓ କର୍ତ୍ତବ୍ୟର ସୈନିକଟିଏ ସାଜି କର୍ମ କରି ଚାଲେ ସଂସ୍କୃତି ବିହାର ଅନୁଷ୍ଠାନ ପାଇଁ ୧୯୯୧ – ୯୨ ମସିହା ଅଭିନୀତ ହୁଏ ଗୀତିନାଟ୍ୟ 'ଶାମ୍ବ ବିଭା' । ସୈନିକ ଚରିତ୍ର ରୁ ଶାମ୍ବର ଚରିତ୍ର ମିଳେ, ପରେ ପରେ 'କର୍ଣ୍ଣବଧ' ଗୀତିନାଟ୍ୟରେ ଅର୍ଜ୍ଜୁନ ଚରିତ୍ରର ଭୂମିକାରେ ଅବତୀର୍ଣ୍ଣ ହୁଏ, ବଡ଼ ଭାଇ ଓ ପୂଜ୍ୟ ଗୁରୁଙ୍କର ଆଶୀର୍ବାଦରୁ ଏହାକୁ ନିଷ୍ଠାର ସହ ତୁଲାଇଥିଲି । କିନ୍ତୁ ଭୁଲି ନଥିଲି ସୈନିକର ଭୂମିକା ଟିକୁ । ସଂସ୍କୃତି ବିହାର ଅନୁଷ୍ଠାନରେ ରହି କର୍ମ କରି ଚାଲେ । ରଣ ଭୂମିରୁ

ଫେରିଲା ପରେ ଡଗର ସାଜି ଘରକୁ ଘର ବୁଲି ସଂସ୍କୃତି ବିହାରର ଖବର ନେଇ ପହଞ୍ଚାଇ ଦିଏ କଳାକାର ମାନଙ୍କ ପାଖରେ । ତାଙ୍କର ଘରର ସୁଃଖ ଦୁଃଖର ମୁକ  ସାକ୍ଷୀ ହୋଇ ରହିଯାଏ ।

ଗୋଟି ଗୋଟି ହୋଇ ସବୁ କଥା ମନେ ପଡ଼େ, ସଂସ୍କୃତି ବିହାର ପଚିଶି ବର୍ଷରେ କରେ ୧୯୮୮ ମସିହାରେ । ରଜତ ଜୟନ୍ତୀର ଆୟୋଜନ, ସଭାପତି ଥାଆନ୍ତି ପ୍ରଫେସର ହୃଦାନନ୍ଦ ରାଏ, ତାଙ୍କର ଭାଷଣରେ କହିଥିଲେ "ନେତାଜୀ ଯେପରି ଭାରତର ସ୍ୱାଧୀନତା ପାଇଁ ଆଜାଦ୍ ହିନ୍ଦ ଫୌଜକୁ 'ଦିଲ୍ଲୀ ଚଲୋ'ର ଡାକରା ଦେଇଥିଲେ - ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି । ସେହିପରି କଳା ଓ ସଂସ୍କୃତି କୁ ବଞ୍ଚାଇବା ପାଇଁ ସଂଗ୍ରାମ ଜାରି ରଖିବାକୁ, ଗୀତି ନାଟ୍ୟର ପ୍ରସାର ପାଇଁ ସବୁ କଳାକାରମାନଙ୍କୁ ସଭାପତି ଆହ୍ୱାନ ଦେଇଥିଲେ 'ଦିଲ୍ଲୀ ଚଲୋ' । ପରବର୍ତ୍ତୀ ବର୍ଷରେ ଅନୁଷ୍ଠାନର ପ୍ରବଳ ଉଦ୍ୟମରେ ସଂସ୍କୃତି ବିହାରର ସମସ୍ତ କଳାକାର ଓ କର୍ମକର୍ତ୍ତାଗଣ ଦିଲ୍ଲୀ ଯିବାକୁ ସକ୍ଷମ ହୋଇଥିଲେ ଏବଂ ଦିଲ୍ଲୀର ପ୍ରଗତି ମଇଦାନରେ ଗୀତିନାଟ୍ୟ "କର୍ଣ୍ଣବଧ" କୁ ମଞ୍ଚସ୍ଥ କରାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଅଦ୍ୟାବଧି ସଂସ୍କୃତି ବିହାର ସେଇ ଧାରାକୁ ବଜାଇ ରଖି ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ସଫଳତାର ସହ ପରିବେଷଣ କରିଚାଲିଛି ।

ପଛରେ ପାଞ୍ଚ ଦଶନ୍ଧିର ସାଧନା ଏକ ଦୀର୍ଘ ପଥ - କେତେ ଘାତ ପ୍ରତିଘାତ   ଦେଇ ସଂସ୍କୃତି ବିହାର ପହଞ୍ଚିପାରିଛି ବର୍ତ୍ତମାନରେ ତାହା ଭାବିଲେ ମଥାନତ ହୋଇଯାଏ । ସୁବର୍ଣ୍ଣ ଜୟନ୍ତୀ ଆୟୋଜନର ପ୍ରାରମ୍ଭରେ ତାର ବାର୍ତ୍ତା ଆସେ ସୁଦୂର ଆମେରିକାରୁ ଉପସଭାପତି ଶ୍ରୀଯୁକ୍ତ ବିଜୟ ମିଶ୍ରଙ୍କ ପାଖରୁ - ଆଗାମୀ ମାସ ଭାରତ ଆସିବେ ଓ ସଂସ୍କୃତି ବିହାର କଳାକାରମାନଙ୍କର ଅଭିନୀତ ବୈଷ୍ଣବ ପାଣିଙ୍କ ସୁଆଙ୍ଗ ଦେଖିବେ । ନିର୍ଦ୍ଦେଶକଙ୍କର ପରାମର୍ଶରେ 'ହରିଶ୍ଚନ୍ଦ୍ର' ସୁଆଙ୍ଗ ମଞ୍ଚସ୍ଥ କରିବା ପାଇଁ ମନସ୍ଥ କରାଯାଏ । ସୁଆଙ୍ଗରେ ୬/୭ଜଣ କଳାକାର ଏବଂ ତଦନୁଯାୟୀ କଳାକାର ଚୟନ କରାଗଲା । କିନ୍ତୁ ମୋତେ ସୁଯୋଗ ମିଳିଲାନି । ଜୀବନର କିଛି ଦୁଃଖ, ସମସ୍ୟା, ଅଭାବ ଅସୁବିଧା ଭିତରେ ଅନ୍ତର୍ବେଦନା ଥାଏ । ସୁଯୋଗ ନମିଳିବାରୁ ବ୍ୟଥା ପାଏ ହୃଦୟ ଭିତରେ । ସୁଆଙ୍ଗ ପର୍ବ ଆଉ ଅଳ୍ପ ଦିନପରେ ମଞ୍ଚସ୍ଥ ହେବ । ରିହରସାଲ୍ ଆମ ଘରେ ହେଉଥାଏ, ନୃତ୍ୟ-ବାଦ୍ୟରେ କମ୍ପି ଉଠୁଥାଏ । ମୁଁ ସ୍ଥିର ହୋଇ ରହିପାରୁନଥାଏ । ଏକ ନିଷ୍ପାପର ସୈନ୍ୟ ଯାତ୍ରା ବାଦ୍ୟ ଶୁଣି କିପରି ବା ରହିପାରିବ ? ହୃଦୟ ହୁଏ କ୍ଷତାକ୍ତ - ଖଣ୍ଡା କ'ଣ ଧରି ପାରିବିନି ? ସବୁ ସେଇ ଈଶ୍ୱରଙ୍କର ପାଦ ତଳେ ଛାଡ଼ି ଦେଇଥାଏ । ହରିଶ୍ଚନ୍ଦ୍ର ସୁଆଙ୍ଗର ପରିବେଷଣ ର ଦିନଟି ଆସିଲା । ପରିବେଷଣର ଦୁଇ ଘଣ୍ଟା ପୂର୍ବରୁ ଖବର ପହଞ୍ଚିଲା ବିଶ୍ୱାମିତ୍ର ଚରିତ୍ରରେ ଅଭିନୟ କରୁଥିବା କଳାକାର ଜ୍ୱରରେ ପୀଡ଼ିତ । ହଠାତ୍ ଚଡ଼କ ପଡ଼ିଲା କ'ଣ କରାଯିବ ? ନିର୍ଦ୍ଦେଶକ ଅସ୍ଥିର ନହେବା ପାଇଁ ପରାମର୍ଶ ଦେଲେ । ଖୋଜା ପଡ଼ିଲା କ୍ଷତାକ୍ତ ସୈନିକଟିକୁ । ଚଣ୍ଡାଳ ଚରିତ୍ରରେ ଅଭିନୟ କରିବା ପାଇଁ ଆଦେଶ ଦେଲେ, ଏବଂ ଚଣ୍ଡାଳ ଚରିତ୍ରରେ ଯେଉଁ କଳାକାର (ମହେନ୍ଦ୍ର ପଲାଇ) ଅଭିନୟ କରୁଥିଲେ ବିଶ୍ୱାମିତ୍ର ଚରିତ୍ର କୁ ଆସିଲେ । ମନରେ ଥିବା ଗ୍ଲାନି ଦୂର ହେଲା - ଆନନ୍ଦରେ ଆଖିରୁ ଝରି ପଡ଼ିଲା ଦୁଇ ଟୋପା ଲୁହ, ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତଟେକି ପ୍ରଣାମ ଜଣାଇଲି ସବୁ ତାଙ୍କରି ଇଚ୍ଛା-ଇଚ୍ଛାମୟ ସେ ।

ସମସ୍ତଙ୍କ ଆଶୀର୍ବାଦରୁ ଚଣ୍ଡାଳ ଚରିତ୍ର କୁ ଠିକ ଭାବରେ ତୁଲାଇ ପାରିଥିଲି । ପାଇଥିଲି ଦର୍ଶକଙ୍କର କରତାଳି ଆଉ ପ୍ରଂଶସା, ସହଯୋଗୀମାନଙ୍କର ଅଭିନନ୍ଦନ । ମନରେ ଥିବା ବ୍ୟାଥା-ଗ୍ଲାନି ସବୁକୁ ଦୂରକୁ ଠେଲି ଦେଲି, ପୁଣି ଯିବାକୁ ହେବ ଆଗକୁ - ଜାଗ୍ରତ ହୋଇ ପ୍ରହରା ଦବାକୁ ହବ । ସୈନିକଟିଏ ହୋଇ କର୍ତ୍ତବ୍ୟ କରିବାକୁ ପଡ଼ିବ ବଞ୍ଚିଥିବା ଯାଏ, ଡଗର ସାଜି ଘରକୁ ଘର ଯିବାକୁ ହବ । ଆଗରେ ଯେ ପଥ ବହୁ ଦୂର ଚାଲିବାକୁ ହବ । ସଂସ୍କୃତି ବିହାର ପାଇଁ ଶହୀଦ ହବାକୁ ପଡ଼ିବ - ମୁଁ ଯେ ସୈନିକ ଟିଏ ଏଇତ ମୋର ଆତ୍ମଲିପି !

'ସଂସ୍କୃତି ବିହାର'ର<br>
ସୈନିକ